# DAV PUBLIC SCHOOL, BHUBANESWAR
## PERIODIC ASSESSMENT-I (2021-22)
## CLASS-X
## SUB-ODIA

TIME:1hr F.M.-40

୧) ନିମ୍ନଲିଖିତ ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ବିକଳ୍ପ ମଧ୍ୟରୁ ବାଛ । (୫)

୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖରେ ଆମର ଜନ୍ମଭୂମି ଭାରତ ଏକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହେଲା । ସ୍ୱାଧୀନ ଭାରତରେ ବନ୍ୟା, ବାତ୍ୟା, ସାମ୍ପ୍ରଦାୟିକତା, ଦାରିଦ୍ର୍ୟ ଓ ଯୌତୁକ ପରି ବିବିଧ ସମସ୍ୟା ରହିଅଛି । ଏହି ସମସ୍ୟାଗୁଡିକ ସହିତ ନିରକ୍ଷରତା ମଧ୍ୟ ଆଉ ଏକ ସମସ୍ୟା । ଆଜି ଆମ ଦେଶରେ ଶତକଡା ଚାଳିଶରୁ କମ୍ ଶିକ୍ଷିତ ଅଛନ୍ତି । ଦେଶର ଚଉଦବର୍ଷ ପର୍ଯ୍ୟନ୍ତ ବାଳକବାଳିକାମାନଙ୍କ ଶିକ୍ଷାଦାନ ବାଧ୍ୟତାମୂଳକ କରାଯାଇଛି ତଦୁର୍ଦ୍ଧ୍ୱ ଶିକ୍ଷାଲାଭ କରିନଥିବା ଜନସାଧାରଣଙ୍କୁ ସ୍ୱାକ୍ଷର କରିବା ପାଇଁ ଆମ ଦେଶରେ ଜନଶିକ୍ଷା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ୧୯୭୮ ଅକ୍ଟୋବର ଦୁଇ ତାରିଖ ଗାନ୍ଧି ଜୟନ୍ତୀଠାରୁ ଏହା ଭାରତରେ କାର୍ଯ୍ୟକାରୀ ହେଉଛି ।ଭାରତ ଏକ ବିଶାଳ ଦେଶ । ଜନସଂଖ୍ୟା ଦୃଷ୍ଟିରୁ ପୃଥିବୀର ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର । ବିଗତ ଜନଗଣନାମାନଙ୍କରୁ ଜଣାଯାଇଛି ଯେ, ଏହି ଦେଶରେ ନିରକ୍ଷର ଲୋକ ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ତୁଳନାରେ ଅଧିକ । ନିରକ୍ଷର ଲୋକ ଦେଶର ପ୍ରଗତିର ବାଧକ । ସହର ତୁଳନାରେ ଭାରତର ଗ୍ରାମାଞ୍ଚଳରେ ନିରକ୍ଷର ଲୋକ ଅଧିକ ବାସ କରନ୍ତି । ଶିକ୍ଷିତ ଲୋକେ ଅଶିକ୍ଷିତ ଲୋକଙ୍କ ତୁଳନାରେ କାମ ସହଜରେ କରିପାରନ୍ତି । ତେଣୁ ଦେଶରେ ନିରକ୍ଷରତା ଦୂରୀକରଣ ନିମିତ୍ତ ଜନଶିକ୍ଷା କାର୍ଯ୍ୟକ୍ରମକୁ ଗ୍ରହଣ କରାଯାଇଛି ।ଭାରତଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଯୋଜନାର ସଫଳତା ପାଇଁ ସବୁ ଲୋକଙ୍କର ଭୂମିକା ଅପରିହାର୍ଯ୍ୟ । ଯଦି ଜନତାର ଏକ ବଡ ଅଂଶ ଅଶିକ୍ଷାବଶତଃ ନିଷ୍କ୍ରିୟ ରହିଛି, ତେବେ ଯୋଜନା ବିଫଳ ହେବା ସଂଗେ ଦେଶର ସମୃଦ୍ଧି ବ୍ୟାହତ ହେବ । ତେଣୁ ଜନଶିକ୍ଷା ପ୍ରଚଳନ ଅତ୍ୟାବଶ୍ୟକ ମନେହୁଏ ।ଅଶିକ୍ଷିତ ଲୋକେ ଗ୍ରାମ ଟାଉଟର, ଧନୀ ଓ ଦୁଷ୍ଟ ଲୋକଙ୍କର ଶିକାର ହୋଇଥାଆନ୍ତି । ନାନା ନିର୍ଯାତନା ତଥା ଅଭାବ ଅସୁବିଧାରେ ଜୀବନଯାପନ କରନ୍ତି । ଅତଏବ ଶୋଷଣପେଷଣରୁ ନିରକ୍ଷର, ନିରୀହ ଗ୍ରାମ୍ୟଜନତାଙ୍କୁ ରକ୍ଷା କରିବା ପାଇଁ ଜନଶିକ୍ଷା କାର୍ଯ୍ୟକ୍ରମ ପ୍ରଚଳନ ଯଥାର୍ଥ ମନେହୁଏ ।ଯେଉଁମାନେ ଅଶିକ୍ଷିତ ସେମାନେ ନାନା କୁସଂସ୍କାର ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇଥାଆନ୍ତି । ଏଭଳି ଲୋକେ ଦୁଃଖଦୁର୍ଦ୍ଦଶା ମଧ୍ୟରେ ରହନ୍ତି । ସେମାନଙ୍କୁ ଏଥିରୁ ମୁକ୍ତ କରିବା ପାଇଁ ଜନଶିକ୍ଷାର ପ୍ରଚଳନ ଦରକାର ।ସମାଜରେ ହରିଜନ, ଗିରିଜନ, ଆଦିବାସୀ ଶ୍ରେଣୀର ଅନେକ ଲୋକ ବାସ କରୁଛନ୍ତି । ସେମାନେ ମଧ୍ୟ ସମାଜର ଏକ ଅଂଶ । ଏହି ଲୋକମାନେ ଅଧିକାଂଶ ଦୁର୍ବଳ ଶ୍ରେଣୀର, ତେଣୁ ଉତ୍ଥାନ ନିମିତ୍ତ ଜନଶିକ୍ଷା କାର୍ଯ୍ୟକ୍ରମ ଗ୍ରହଣୀୟ ।ଭଲମନ୍ଦ, ଠିକ, ଭୁଲ୍ ବୁଝିବା ଓ ସଂସାରରେ ଘଟୁଥିବା ଘଟଣା ସହିତ ପରିଚିତ ହେବା ନିରକ୍ଷର ଲୋକଙ୍କ ପକ୍ଷରେ ସମ୍ଭବ ନୁହେଁ । ଏଣୁ ବାହ୍ୟଜ୍ଞାନର ବିକାଶ ଓ ବୁଝିବିଚାରି କାମ କରିବାର ପ୍ରେରଣା ଜନଶିକ୍ଷା ଦିଏ ।

i)ସମାଜର ନିମ୍ନସ୍ତରର ଲୋକେ ଜନଶିକ୍ଷା ଦ୍ୱାରା କିପରି ଉପକୃତ ହୁଅନ୍ତି?

(କ) ସେମାନଙ୍କର ବାହ୍ୟଜ୍ଞାନର ବିକାଶ ହୁଏ (ଖ) ସେମାନଙ୍କୁ ଦୁଃଖଦୁର୍ଦ୍ଦଶାରୁ ମୁକ୍ତି ମିଳେ ।

(ଗ) କ ଓ ଖ ଉଭୟ ଠିକ୍ (ଘ) ଖ ଠିକ୍ ମାତ୍ର କ ଭୁଲ୍

ii) ଭାରତ ପରି ବିଶାଳ ଦେଶରେ କେଉଁମାନେ ଉନ୍ନତି ପଥରେ ପ୍ରତିବନ୍ଧକ ସାଜନ୍ତି?

(କ) ଦରିଦ୍ର ଓ ନିରକ୍ଷର (ଖ) ନିରକ୍ଷର ଓ ଅଣସାକ୍ଷର (ଗ) କ ଓ ଖ ଉଭୟ ଠିକ୍ (ଘ) କ ଭୁଲ୍ ମାତ୍ର ଖ ଠିକ୍

iii) କେଉଁମାନେ କାମ ସହଜରେ କରିପାରନ୍ତି?

(କ) ଶିକ୍ଷିତ (ଖ) ରାଜନେତା (ଗ) ଅଶିକ୍ଷିତ (ଘ) ଛାତ୍ର

iv) ଭାରତର ସମୃଦ୍ଧି ପାଇଁ କ'ଣ ପଦକ୍ଷେପ ନିଆଯାଇଛି?

(କ) ଦାରିଦ୍ର୍ୟ ଦୂରୀକରଣ (ଖ) ଖାଦ୍ୟ (ଗ) ଜନଶିକ୍ଷା (ଘ) ବନ୍ୟା ନିୟନ୍ତ୍ରଣ

କ ଠିକ୍ ମାତ୍ର ଖ-ଗ-ଘ ଭୁଲ୍ ଖ-କ-ଘ ଭୁଲ୍ ମାତ୍ର ଗ ଠିକ୍

କ-ଖ ଠିକ୍ ମାତ୍ର ଗ-ଘ ଭୁଲ୍ କ-ଖ -ଗ -ଘ ଭିତରୁ କେବଳ ଖ ହିଁ ଠିକ୍

v) ସମଗ୍ର ବିଶ୍ୱରେ ଆମ ଦେଶ ଜନସଂଖ୍ୟା ଦୃଷ୍ଟିରୁ କେଉଁ ସ୍ଥାନରେ ଅଛି?

(କ) ତୃତୀୟ ତଳେ ପ୍ରଥମ ଉପରେ (ଖ) ତୃତୀୟ ଉପରେ ପ୍ରଥମ ତଳେ

(ଗ) ତୃତୀୟ ଓ ଦ୍ୱିତୀୟ ମଝିରେ (ଘ) ଉପରୋକ୍ତ ସମସ୍ତ

୨)ନିର୍ଦ୍ଦେଶ ଅନୁଯାୟୀ ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛ । (୫)

i)ଓଡ଼ିଆ ଭାଷାରେ ପ୍ରକାଶିତ ପ୍ରଥମ ପତ୍ରିକାର ନାମ ଉତ୍କଳ ଦୀପିକା । ଏହାକୁ ଜଟିଳ ବାକ୍ୟରେ ପରିଣତ କଲେ କଅଣ ହେବ?

କ)ଯେଉଁ ଓଡ଼ିଆ ଭାଷାରେ ପ୍ରଥମ ପତ୍ରିକା ପ୍ରକାଶିତ ହୋଇଥିଲା,ତାହାର ନାମ ଉତ୍କଳ ଦୀପିକା ।

ଖ) ପତ୍ରିକା ଓଡ଼ିଆ ଭାଷାରେ ପ୍ରକାଶିତ ହେଲା ଓ ତାହାର ନାମ ଉତ୍କଳ ଦିପିକା ।

ଗ)ଓଡ଼ିଆ ଭାଷାରେ ଯେଉଁ ପ୍ରଥମ ପତ୍ରିକା ପ୍ରକାଶ ପାଇଲା, ତାହାର ନାମ ଉତ୍କଳ ଦୀପିକା ।

ଘ)ଓଡ଼ିଆ ଭାଷାରେ ଉତ୍କଳ ଦୀପିକା ନାମକ ପ୍ରଥମ ଓଡ଼ିଆ ପତ୍ରିକା ପ୍ରକାଶ ପାଇଥିଲା ।

ii) ଜୟୀରାଜଗୁରୁ ଜନ୍ମରୁ ବୀରଥିଲେ । - ଏହା କି ପ୍ରକାର ବାକ୍ୟ?

କ )ମିଶ୍ର ବାକ୍ୟ ଖ)ଯୌଗିକ ବାକ୍ୟ ଗ)ଜଟିଳ ବାକ୍ୟ ଘ)ସରଳ ବାକ୍ୟ

iii) ଯେତେବେଳେ ରାମଚନ୍ଦ୍ର ବନଗମନ କଲେ ସେତେବେଳେ ଭରତ ତାଙ୍କ ମାମୁଘରେ ଅବସ୍ଥାନ କରୁଥିଲେ । - ଏହାକୁ ସରଳ ବାକ୍ୟରେ ପରିଣତ କଲେ କଅଣ ହେବ?

କ)ରାମଚନ୍ଦ୍ର ବନଗମନ କଲେ ଓ ଭରତ ତାଙ୍କ ମାମୁଘରେ ଅବସ୍ଥାନ କରୁଥିଲେ ।

ଖ)ଯେମିତି ରାମଚନ୍ଦ୍ର ବନଗମନ କଲେ ସେମିତି ଭରତ ତାଙ୍କ ମାମୁଘରେ ଅବସ୍ଥାନ କଲେ ।

ଗ)ଯଦିଓ ରାମଚନ୍ଦ୍ର ବନଗମନ କଲେ ତଥାପି ଭରତ ତାଙ୍କ ମାମୁଘରେ ଅବସ୍ଥାନ କଲେ ।

ଘ)ରାମଚନ୍ଦ୍ର ବନଗମନ କଲାବେଳେ ଭରତ ତାଙ୍କ ମାମୁଘରେ ଅବସ୍ଥାନ କରୁଥିଲେ ।

iv) ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ସରଳ ବାକ୍ୟ?

କ)ଡାକ୍ତର ବହୁତ ଚେଷ୍ଟା କଲେ ମାତ୍ର ରୋଗୀଟି ବଞ୍ଚିଲା ନାହିଁ ।

ଖ)ବିପଦବେଳେ ଯେଉଁଲୋକ ସାହାଯ୍ୟ କରେ ସେହିଁ ପ୍ରକୃତ ବନ୍ଧୁ ।

ଗ)ଲଘୁଚାପ ହେତୁ ଆଜି ପ୍ରବଳ ବର୍ଷା ହୋଇଛି।

ଘ)ଗତକାଲି ଯେଉଁ ଝଡ଼ ତୋଫାନ ହେଲା ସେଥିରେ ବରଗଛଟି ଭାଙ୍ଗିଗଲା ଓ ତା ତଳେ ଚାପିହୋଇ ଅନେକ ପକ୍ଷୀ ମରିଗଲେ ।

v) ସେ ଇଂରାଜୀ ବୁଝିଲେ ମଧ୍ଯ କହିପାରନ୍ତି ନାହିଁ- ଯୌଗିକ ବାକ୍ୟରେ ପରିଣତ କର ।

କ) ଯଦିଓ ସେ ଇଂରାଜୀ ବୁଝନ୍ତି, ତଥାପି କହି ପାରନ୍ତି ନାହିଁ ।

ଖ)ସେ ଇଂରାଜୀ ବୁଝନ୍ତି ମାତ୍ର କହି ପାରନ୍ତି ନାହିଁ ।

ଗ)ସେ ଇଂରାଜୀ ବୁଝି କିମ୍ବା କହି ପାରନ୍ତି ନାହିଁ ।

ଘ)ଯେମିତି ସେ ଇଂରାଜୀ ବୁଝନ୍ତି ସେମିତି କହି ପାରନ୍ତି ନାହିଁ ।

୩)ଶୁଦ୍ଧ ବନାନଟି ବିକଳ୍ପ ମଧ୍ୟରୁ ବାଛ । (୫)

କ) ଆଶ୍ରୀବାଦ, ଆର୍ଶୀବାଦ, ଆଶ୍ରିବାଦ, ଆଶୀର୍ବାଦ

ଖ) ଶିକ୍ଷୟତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷୟୀତ୍ରୀ, ଶିକ୍ଷୟିତ୍ରି

ଗ) ଯାତାୟାତ, ଯାତାୟତ,ଯାତୟାତ, ଜାତାୟାତ

ଘ) ଅଭଡ଼ା, ଅଭଢ଼ା, ଅବଡ଼ା ,ଅବଢ଼ା

ଙ) ସନ୍ୟାସ, ସନ୍ନ୍ୟାସ, ଶନ୍ନ୍ୟାସ, ଶନ୍ୟାସ

୪) ନିମ୍ନଲିଖିତ ରୂଢ଼ିଗୁଡ଼ିକର ଅର୍ଥ ବିକଳ୍ପ ମଧ୍ୟରୁ ବାଛି ଲେଖ (୫)

i) ଆପଣା ସୁନା ଭେଣ୍ଡି

କ)ସୁନା ଖରାପ ପଡ଼ିବା ଖ)ବାଡ଼ିରେ ସୁନା ପରି ଭେଣ୍ଡି ଫଳିବା ଗ)ନିଜ ଲୋକ ଅଯୋଗ୍ୟ ଘ)ନିଜ ଲୋକ ଅଧିକ ଯୋଗ୍ୟ

ii) ଗୋବର ଗଣେଶ

କ)ଗୋବରରେ ଲିପା ଗଣେଶ ଖ)ଗୋବରରେ ତିଆରି ଗଣେଶ ଗ)ଅତି ପଣ୍ଡିତ ଘ)ଅତି ମୂର୍ଖ

iii) ଝିମିଟି ଖେଳରୁ ମହାଭାରତ

କ)ମହାଭାରତ ଶୁଣିବା ଖ)ମହଭାରତରୁ ଶିକ୍ଷା ଲାଭ କରିବା

ଗ)ସାମାନ୍ୟ ଘଟଣାରୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ଘ)ଅବସ୍ଥା ଅସମ୍ଭାଳ ହେବା

iv) ବାପରାଣ୍ ଢିଙ୍କି ଗିଳ୍

କ)ରାଣ ପକାଇବା ଖ)ବାଧ କରିବା ଗ)ରାଣ ପକାଇ କାମ କରାଇବା ଘ)ବାଧ କରି ଖୁଆଇବା

v) କଟା ଘାଆରେ ଚୂନ ଦେବା

କ)ଯନ୍ତ୍ରଣା ଉପରେ ଯନ୍ତ୍ରଣା ଖ)ଖୁସି ହେବା ଗ)କଟା ଘାଆରେ ଚୂନ ବୋଳିବା ଘ)କଟା ଘାଆକୁ ଶୁଖାଇବା ପାଇଁ ଚେଷ୍ଟା କରିବା

୫)ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ବିକଳ୍ପ ମଧ୍ୟରୁ ବାଛ । (୧୦)

i) ସ୍କନ୍ଦପୁରାଣରେ କେତୋଟି ଦ୍ୱୀପର ବର୍ଣ୍ଣନା ରହିଛି?

କ)ସାତଟି ଖ)ନଅଟି ଗ)ଆଠଟି ଘ)ଏଗାରଟି

ii)ଭୀମଙ୍କ ସିଂଘନାଦ ରଢ଼ି ପଦ୍ୟଟି ସାରଳା ମହାଭାରତର କେଉଁ ପର୍ବରୁ ଆସିଛି?

କ)ଭୀଷ୍ମପର୍ବ ଖ)କାଇଁଶିକା ପର୍ବ ଗ)ଗଦା ପର୍ବ ଘ)ସ୍ୱର୍ଗାରୋହଣ ପର୍ବ

iii) ନିମ୍ନଲିଖିତ ମଧ୍ୟରୁ କେଉଁଟି ସାରଳା ଦାସଙ୍କ ରଚନା ନୁହେଁ?

କ)ଚଣ୍ଡୀ ପୁରାଣ ଖ)ବିଚିତ୍ର ରାମାୟଣ ଗ)ଲକ୍ଷ୍ମୀ-ନାରାୟଣ ବଚନିକା ଘ)ଲକ୍ଷ୍ମୀ ପୁରାଣ

iv) ଭୀମ ଶିବଙ୍କୁ ସିଂଘନାଦ ମାଗନ୍ତୁ ବୋଲି କିଏ ପରାମର୍ଶ ଦେଲେ?

କ)ସହଦେବ ଖ)ଯୁଧିଷ୍ଠିର ଗ)ଅର୍ଜୁନ ଘ)ଦୁର୍ଯ୍ୟୋଧନ

v) ସିଂଘନାଦ କଅଣ?

କ)ସିଂହର ଗର୍ଜନ ଖ)ମଇଁଷି ସିଂଘରେ ନିର୍ମିତ ଏକ ବାଦ୍ୟ ଗ)ମଇଁଷିର ସିଂଘ ଘ)ମଇଁଷିର ଗର୍ଜନ

vi) ଅଶ୍ଳେଷ। ଦୈତ୍ୟ କୈଳାସ ପର୍ବତ ଉପାଡ଼ି ନେଉଥିବା ବେଳେ ଭୀମ କେଉଁଠାରେ ଅବସ୍ଥାନ କରୁଥିଲେ?

କ)ମନ୍ଦର ପର୍ବତରେ ଖ)ହସ୍ତିନାପୁରରେ ଗ)ଋଷ୍ୟମୁକ ପର୍ବତରେ ଘ)ଇନ୍ଦ୍ରପ୍ରସ୍ଥରେ

vii)ମାନଗୋବିନ୍ଦ କିଏ?

କ)ଦୁର୍ଯ୍ୟୋଧନ ଖ)ଅର୍ଜୁନ ଗ)ଶ୍ରୀକୃଷ୍ଣଙ୍କ ଭାଇ ଘ)ଅଶ୍ୱତ୍ଥାମା

viii) ବ୍ୟାସଦେବ କେଉଁଠାରେ ବସି ମହାଭାରତ ତଥା ଅଷ୍ଟାଦଶ ପୁରାଣ ଆଦି ରଚନା କରିଥିଲେ?

କ)ରୁଦ୍ର ପ୍ରୟାଗଠାରେ ଖ)ଦେବ ପ୍ରୟାଗଠାରେ ଗ)ବ୍ୟାସ ସରୋବରଠାରେ ଘ)ପୁଷ୍କର କ୍ଷେତ୍ରରେ

ix) ଲକ୍ଷ୍ମୀ ଦୁର୍ଯ୍ୟୋଧନର କେଉଁ ଅଙ୍ଗରେ ବାସ କରୁଥିଲେ?

କ) ହସ୍ତ ଖ)ପାଦ ଗ)ଛାତି ଘ)ସ୍କନ୍ଧ

x) ସାରଳା ଦାସ କେଉଁ ରାଜାଙ୍କର ସମସାମୟିକ?

କ)ପୁରୁଷୋତ୍ତମ ଦେବ ଖ)କପିଳେନ୍ଦ୍ର ଦେବ ଗ)ଅନଙ୍ଗଭୀମ ଦେବ ଘ)ଯଯାତି କେଶରୀ

୬)ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ବିକଳ୍ପ ମଧ୍ୟରୁ ବାଛ । (୧୦)

i) ଲେଖକ ନିଜର ଜନ୍ମଭୂମିକୁ କିପରି ସ୍ମରଣ କରନ୍ତି?

କ)ଅନ୍ତର୍ଯ୍ୟାମୀ ଖ)ଜ୍ୟୋତିର୍ବିଜ୍ଞାନୀ ଗ)ଜାତିସ୍ମର ଘ)ଦାର୍ଶନିକ

ii)ଗୋବିନ୍ଦା ଭାଇ ଲେଖକଙ୍କୁ ଆଦରରେ ବସାଇ କଅଣ ବ୍ୟାଖ୍ୟା କରୁଥିଲେ?

କ)ମନବୋଧ ଚଉତିଶା ଖ)କଳାକଳେବର ଚଉତିଶା ଗ)ଆର୍ତ୍ତତ୍ରାଣ ଚଉତିଶା ଘ)କମଳ ଲୋଚନ ଚଉତିଶା

iii) ଗ୍ରାମ ମଧ୍ୟରେ ଏକ ପରିବାରତ୍ୱର ପରମ୍ପରା ସ୍ୱରୂପ ନିମ୍ନ ଲିଖିତ କେଉଁ ଉକ୍ତିଟି ଗ୍ରହଣୀୟ?

କ)ଲୋକଙ୍କୁ ଡାକି ଆଣି ମନବୋଧ ଚଉତିଶା ଆଦିର ବ୍ୟାଖ୍ୟା ଶୁଣାଇବା ।

ଖ)ରଜ ପ୍ରଭୃତି ବିଭିନ୍ନ ପର୍ବ ମିଳିମିଶି ପାଳନ କରିବା ।

ଗ)ଗ୍ରାମରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭାଇ,ଭଉଣୀ,କକା,ଖୁଡ଼ୀ ଆଦି ଭାବରେ ସଂପର୍କ ରଖିବା ।

ଘ)ପିଣ୍ଡାରେ ବସି ଗ୍ରାମକୁ ଆସୁଥିବା ଅତିଥିମାନଙ୍କୁ କୁଶଳ ଜିଜ୍ଞାସା କରିବା ।

iv) ମହାଭାରତ ମହାସମର କାହାର ଅଙ୍ଗୁଳି ନିର୍ଦ୍ଦେଶରେ ପରିଚାଳିତ ହୋଇଥିଲା?

କ)ଭୀଷ୍ମ ଖ)ଦୁର୍ଯ୍ୟୋଧନ ଗ)ଶ୍ରୀକୃଷ୍ଣ ଘ)ଶକୁନି

v) ଦ୍ୱାରକାର ରାଜଭୋଗରେ ଶ୍ରୀକୃଷ୍ଣଙ୍କର ପଦ ଯୁଗଳ କିପରି ହୋଇଥିଲା?

କ)ଚର୍ମ ପାଦୁକା ପରି କଠିନ ଖ)ଲୌହ ମୂଷଳ ପରି କଠିନ

ଗ)ନବ ପଲ୍ଲବ ପରି ରକ୍ତାଭ ଘ)ରକ୍ତ ଗୋଲାପ ପରି ଲାଲ୍

vi)ଶ୍ରୀକୃଷ୍ଣଙ୍କ ନବ ସଂସାରର ମଦ୍ୟପ ଗୋଷ୍ଠୀ କେଉଁଠାରେ ପରସ୍ପରକୁ ହାଣି ଧ୍ୱଂସ ହେଲେ?

କ)ପୁଷ୍କର ତୀର୍ଥ ଖ)ଚକ୍ରତୀର୍ଥ ଗ)ଶଙ୍ଖତୀର୍ଥ ଘ)ପ୍ରଭାସ ତୀର୍ଥ

vii) ଜନ୍ମଭୂମି ପ୍ରବନ୍ଧଟି କେଉଁ ଭାବନାରେ ପରିପୁଷ୍ଟ?

କ)ବସୁଧୈବ କୁଟୁମ୍ବକମ୍ ଖ)ମହାଭାରତୀୟ ଭାବ ଗ)ପୂଜ୍ୟପୂଜା ଭାବନା ଘ)ପ୍ରକୃତିପ୍ରେମ

viii) ଗ୍ରାମର ଯୁବକମାନେ ଆହବର ରକ୍ତ କେଉଁଠି ଦେଖନ୍ତି?

କ)ସ୍ଥଳ ପଦ୍ମରେ ଖ)ପଳାଶ ବନରେ ଗ)ପଦ୍ମ ପୋଖରୀରେ ଘ)କୃଷ୍ଣଚୂଡ଼ା ଫୁଲ ପେଣ୍ଡାରେ

ix) ମେଘ କେଉଁ ମାସ ଶେଷରେ ଆସେ?

କ)ଆଷାଢ଼ ଖ)ବୈଶାଖ ଗ)ଆଶ୍ୱିନ ଘ)ଜ୍ୟେଷ୍ଠ

x)କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଆତ୍ମଜୀବନୀର ନାମ କଅଣ?

କ)ମୋ ଜୀବନ ସଂଗ୍ରାମ

ଖ)ଅମୃତ ଅନୁଭବ

ଗ)ମୋ ସମୟର ଓଡ଼ିଶା

ଘ)ଆରବ ସାଗରରୁ ଚିଲିକା